## ନୟାଗଡ଼ ପୌର ପରିଷଦରେ ଅଚଳାବସ୍ଥା ଓ ମନମାନି

# ନିର୍ବାହୀ ଅଧିକାରୀଙ୍କ ବଦଳି ଦାବି

**• କାମ ହେଉନି କି, ଠିକାଦାରଙ୍କ ବିଲ୍ ମିଳୁନି**
**• ପଡ଼ି ରହିଛି ଖବରକାଗଜ ବିଜ୍ଞାପନ ବିଲ୍**

ନୟାଗଡ଼,୩୦।୪(ସମିସ)

ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ନେଇ ଏବେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ନିର୍ବାହୀ ଅଧିକାରୀଙ୍କ ମନମାନି ପାଇଁ ନୟାଗଡ଼ ବିକାଶ ବାଧାପ୍ରାପ୍ତ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ସହର ଅବହେଳିତ ହେଉଛି। କାଉନସିଲରଙ୍କୁ ଦୁର୍ବ୍ୟବହାର ଓ ଅଧ୍ୟକ୍ଷାଙ୍କ ସହ ନିର୍ବାହୀ ଅଧିକାରୀଙ୍କ ବିବାଦ ଦିନକୁ ଦିନ ଘନଉଛି। ଯାହାକୁ ନେଇ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ସମସ୍ତ କାଉନସିଲର ଓ ଅଧ୍ୟକ୍ଷା ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ। ପୂର୍ବ ବୈଠକର ରିଜୋଲ୍ୟୁସନ୍ କପି ପ୍ରଦାନ ନ କରି ପାରିଷଦ ବୈଠକ ଡକାଯିବାକୁ ନେଇ ପ୍ରଶ୍ନ ଉଠିଥିଲା। ଏଭଳି ସ୍ଥିତିରେ ଅଧ୍ୟକ୍ଷା ଓ କାଉନସିଲରମାନେ ନିର୍ବାହୀ ଅଧିକାରୀଙ୍କୁ ନେଇ ନୟାଗଡ଼ ବିକାଶ ଅସମ୍ଭବ ବୋଲି ମତ ଦେଲେଣି। ନୟାଗଡ଼ ସହରବାସୀ ଦୀର୍ଘଦିନ ତଳୁ ନିର୍ବାହୀ ଅଧିକାରୀଙ୍କ ସମ୍ପର୍କରେ ବାରମ୍ବାର ଅଭିଯୋଗ କରି ଆସୁଥିବା ବେଳେ ତାଙ୍କୁ କିଛି କାଉନସିଲର ଓ ରାଜନୈତିକ ବ୍ୟକ୍ତି ସୁରକ୍ଷା ଦେଇ ଆସୁଥିଲେ। ଏବେ ପରିସ୍ଥିତି ଜଟିଳ ହେବାରୁ ସମସ୍ତଙ୍କ ସ୍ୱର ଗୋଟିଏ ବିନ୍ଦୁରେ ପହଞ୍ଚିଛି। ନୟାଗଡ଼ର ବିକାଶ ପାଇଁ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

ନିର୍ବାହୀ ଅଧିକାରୀ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକୁ ମଧ୍ୟ ଅଣଦେଖା କରୁଛନ୍ତି। ନୟାଗଡ଼ ପାଠାଗାର, ପଠାଣି ସାମନ୍ତ ପ୍ରେକ୍ଷାଳୟ ଭଳି ପୌର ପରିଷଦ ଅଧୀନରେ ଥିବା ଅନେକ ଅନୁଷ୍ଠାନର ରକ୍ଷଣାବେକ୍ଷଣ ମଧ୍ୟ ଠିକ ଭାବେ ହୋଇପାରୁନାହିଁ। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆମ ପୋଖରୀ ଯୋଜନା ଟଙ୍କା ପଡ଼ିରହିଛି। ନୂତନ ସଫେଇ କର୍ମଚାରୀ ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର ହେଉଛି। ସଫେଇ ନାଁରେ ଜଣେ ଠିକା କର୍ମଚାରୀଙ୍କୁ ହାତ କରି ବ୍ୟାପକ ହରିଲୁଟ୍ କରାଯାଇଛି। ଗାଡ଼ିଗୁଡ଼ିକ ପାଇଁ ଆବଶ୍ୟକ ତେଲ କିଣାରେ ମଧ୍ୟ ହେରାଫେରି ହେଉଥିବା ଅଭିଯୋଗ ହେଉଛି। ଏହାସହ ବିଗତ ଦିନରେ କାମ ସାରିଥିବା ଠିକାଦାର ସେମାନଙ୍କ ବିଲ୍ ପାଉ ନ ଥିବା ବେଳେ ନଗଦକୁ କାମ କରୁଥିବା ଠିକାଦାରଙ୍କ ବିଲ୍ ମଧ୍ୟ ଠିକ ଭାବେ ପ୍ରଦାନ କରାଯାଉନାହିଁ। ନୟାଗଡ଼ ପୌର ପରିଷଦ ପକ୍ଷରୁ ରାଜ୍ୟର ପ୍ରମୁଖ ଛାପା ଗଣମାଧ୍ୟମରେ ବିଜ୍ଞାପନ ଛପା ଯାଇଥିବା ବେଳେ ନିର୍ବାହୀ ଅଧିକାରୀ ବିଲ୍ ପ୍ରଦାନରେ ଅବହେଳା କରୁଥିବା ନେଇ ସାମ୍ବାଦିକମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ୱାୟତ୍ତ ଶାସନ ଦିବସ ବିଜ୍ଞାପନ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ଖବରକାଗଜକୁ ପ୍ରଦାନ କରାଯାଇଥିବା ଟେଣ୍ଡର ବିଜ୍ଞାପନ ବିଲ୍ ପାଇବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ବାରମ୍ବାର ପୌର କାର୍ଯ୍ୟାଳୟକୁ ଦୌଡୁଥିବା ବେଳେ ନିର୍ବାହୀ ଅଧିକାରୀ କେବଳ ଆଶ୍ୱାସନ ଦେଉଛନ୍ତି। ଶତାଧିକ ବିଜ୍ଞାପନ ବିଲ୍ ପୌର ପରିଷଦ କାର୍ଯ୍ୟାଳୟରେ ପଡ଼ି ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କାଉନସିଲର ଓ ଅଧ୍ୟକ୍ଷା ଜିଲ୍ଲାପାଳଙ୍କୁ କରିଥିବା ଅଭିଯୋଗ ଉପରେ ଡୁଡା ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏଯାଏଁ ତଦନ୍ତ ଆରମ୍ଭ କରି ନ ଥିବା ଜଣାପଡ଼ିଛି। ଅଧ୍ୟକ୍ଷା ଓ କାଉନସିଲରଙ୍କ ଅଭିଯୋଗ କପି ତାଙ୍କ ପାଖରେ ପହଞ୍ଚି ନ ଥିବା କହିଛନ୍ତି। ଶନିବାର ଉକ୍ତ ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ଜିଲ୍ଲାପାଳଙ୍କୁ ରିର୍ପୋଟ କରାଯିବା ବୋଲି ସିଡିଓ ଲଗ୍ନଜିତ ରାଉତ ସୂଚନା ଦେଇଛନ୍ତି।

## ସିଂଘାପଡ଼ାରେ ସରକାରୀ ଜମି ଜବରଦଖଲ ଘଟଣା

# ବାକି ରହିଛି ଦିନକର ମାପଚୁପ

**ନୟାଗଡ଼/ଖଣ୍ଡପଡ଼ା,୩୦।୪(ସମିସ):** ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ ସିଂଘାପଡ଼ା ପଞ୍ଚାୟତରେ ଶତାଧିକ ଏକର ଜମିକୁ ଅକ୍ତିଆର କରିଛି ଘରୋଇ ସଂସ୍ଥା। ସୋଲାର ପ୍ରକଳ୍ପ ନିର୍ମାଣ ପାଇଁ ଉକ୍ତ ସଂସ୍ଥା ଜମି ସହ କେନାଲ, ନାଳ ଏବଂ ରାସ୍ତାକୁ ମଧ୍ୟ କବଜା କରିଛି। ଜଙ୍ଗଲ ଜମିଠାରୁ ଆରମ୍ଭ କରି ଗୋଚର, ପତିତ, ବାଲିଆ, ବଗାୟତ ଏପରିକି କ୍ଷୁଦ୍ର ଜଳସେଚନ ବିଭାଗ ଜମି ଅକ୍ତିଆର କରି ନେଇଥିବା ଅଭିଯୋଗ ହୋଇଛି। ଶତାଧିକ ଏକର ଜମି ଜବରଦଖଲ କରାଯାଇଥିବା ନେଇ ସ୍ଥାନୀୟ ସରପଞ୍ଚ ସୁନୀଲ ପ୍ରଧାନଙ୍କ ସମେତ ବହୁ ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଖଣ୍ଡପଡ଼ା ତହସିଲଦାରଙ୍କୁ ମାପଚୁପ ଓ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମାପଚୁପ କରାଯାଇଥିବା ବେଳେ ଗୋଟିଏ ଦିନର ମାପଚୁପ ବାକି ରହିଛି। ଏହାକୁ ଯଥାଶୀଘ୍ର ଶେଷ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ସିଂଘାପଡ଼ା ପଞ୍ଚାୟତ ହରିହରପ୍ରସାଦ ଗ୍ରାମରେ ଖାତା ନଂ-୧୭୪, ବରଗଣ୍ଡ ଓ ଦଉପୋଖରୀ ମୌଜାର ଖାତା ନଂ-୧୮୮ ଏବଂ ନୂଆଗାଁ ମୌଜାର ଖାତା ନଂ-୧୮୦ ଜମିକୁ ଏବେ ମାଫିଆମାନେ ଜବରଦଖଲ କରିଛନ୍ତି। ସାପୁଆ ସଂରକ୍ଷିତ ଜଙ୍ଗଲ ପାଖରେ ଥିବା ଉକ୍ତ ଅଞ୍ଚଳରେ ଭୁବନେଶ୍ୱରର ପ୍ରଦୀପ କୁମାର ପଣ୍ଡା ସୋଲାର ପ୍ରକଳ୍ପ ନିର୍ମାଣ ଆଳରେ ଏକର ଏକର ଜମି ମାଡ଼ି ବସିଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ, ଦଉପୋଖରୀ ଗ୍ରାମର ଶୂଳିଆ ଠାକୁରାଣୀଙ୍କ ପୀଠ ନିକଟରୁ ସଂରକ୍ଷିତ ଜଙ୍ଗଲ ଭିତରେ କ୍ଷୁଦ୍ର ଜଳସେଚନ ବିଭାଗ କେନାଲକୁ ପୋତି ଦିଆଯାଇଛି। ସବୁଜାଣି କ୍ଷୁଦ୍ର ଜଳସେଚନ ବିଭାଗ ଆଖିବୁଜି ଦେଇଛି। ଚାଷୀଙ୍କ କେନାଲ ଛାରଖାର ହୋଇଥିବା ବେଳେ ଅଭିଯୋଗ ସତ୍ତ୍ୱେ ଏତଲା ମଧ୍ୟ ଦେଇନି କ୍ଷୁଦ୍ର ଜଳସେଚନ ବିଭାଗ। ସରକାରୀ ଜମି ଜବରଦଖଲ କରି ବେଆଇନ ଭାବେ ପ୍ରକଳ୍ପ ସ୍ଥାନକୁ ରାସ୍ତା ତିଆରି କରିଛି ଘରୋଇ ସଂସ୍ଥା। ଏଥିପାଇଁ ଶହ ଶହ ଗଛ ବଳି ପଡ଼ିଥିବା ବେଳେ ଜଙ୍ଗଲ ଅଞ୍ଚଳରୁ ମାଟି ମଧ୍ୟ ଲୁଟ୍ ହୋଇଛି। ସରକାରୀ ଜମି ଜବରଦଖଲ କରି ଘରୋଇ ସଂସ୍ଥା ସରକାରୀ ସବ୍‌ସିଡି ହାତେଇବାକୁ ମସୁଧା କରୁଥିବା ସ୍ଥାନୀୟ ଜନପ୍ରତିନିଧି ଅଭିଯୋଗ ଆଣିଛନ୍ତି। ଖାଲି ପ୍ରଦୀପ କୁମାର ପଣ୍ଡା ନୁହନ୍ତି, ଡ. ବିଜୟରାମ ସେନାପତି, ଦେବଯାନୀ ପଣ୍ଡା ପ୍ରମୁଖ ଆଦିବାସୀ ଅଧ୍ୟୁଷିତ ସିଙ୍ଘାପଡ଼ା ପଞ୍ଚାୟତର ବିଭିନ୍ନ ମୌଜାରେ ଶହ ଶହ ଏକର ଜମି ଅକ୍ତିଆର କରି ଫାର୍ମହାଉସ ନିର୍ମାଣ କରିଥିବା ଅଭିଯୋଗ କରିଛନ୍ତି ପଞ୍ଚାୟତ ବାସିନ୍ଦା। ଉକ୍ତ ଜବରଦଖଲ ଜମିରେ ସୋଲାର ପ୍ରକଳ୍ପ, ପୋଖରୀ, କୁକୁଡ଼ା ଫାର୍ମ, ଆମ୍ବ ବଗିଚା କରାଯାଇଛି। ଏହାସହ ସୋଲାର ପ୍ରକଳ୍ପ ପାଇଁ ଏକ ପ୍ରାକୃତିକ ନାଳର ଗତିପଥ ମଧ୍ୟ ବଦଳାଇ ଦିଆଯାଇଛି। ଏବେ ସୁଦ୍ଧା ହୋଇଥିବା ମାପଚୁପରେ ୧୪୦ ଏକର ସରକାରୀ ଜମି ଚିହ୍ନଟ ହୋଇଛି। ଜବରଦଖଲ ଘଟଣାକୁ ନେଇ ଖଣ୍ଡପଡ଼ା ତହସିଲ ପକ୍ଷରୁ ୪ଟି ମାମଲା ରୁଜୁ ହୋଇଥିବା ତହସିଲଦାର ସୂଚନା ଦେଇଛନ୍ତି। ସରକାରୀ ଅମିନଙ୍କ ଦ୍ୱାରା ମାପ ଚାଲିଛି। ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ମାପ କରାଯାଉଛି। ମାପ ସରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଜବରଦଖଲ ଘଟଣାକୁ ନେଇ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିବା ବେଳେ ଜବରଦଖଲକାରୀ ନୋଟିସ୍ ଗ୍ରହଣ କରୁ ନ ଥିବା ସୂଚନା ମିଳିଛି। ଯାହାକୁ ନେଇ ମାପଚୁପ ସରିବା ପରେ ଲଟକା ଜାରି କରାଯିବାକୁ ବ୍ୟବସ୍ଥା ହୋଇଛି। ଏହା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ଓ ତହସିଲ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ବିଳମ୍ବ କଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।





**କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

## ଚାନ୍ଦପୁର ହୋମିଓପାଥି ମେଡିକାଲ କଲେଜ

# ଭିତ୍ତିଭୂମି ପରଖିବେ ଆୟୁଷ ନିର୍ଦ୍ଦେଶିକା

ନୟାଗଡ଼,୩୦।୪(ସମିସ): ରାଜ୍ୟ ସରକାର ନୟାଗଡ଼ ଜିଲ୍ଲାରେ ହୋମିଓପାଥି ମେଡିକାଲ କଲେଜ ନିର୍ମାଣ ପାଇଁ ଘୋଷଣା କରିଥିଲେ। ସରକାରଙ୍କ ନିର୍ଦ୍ଦେଶରେ ନୟାଗଡ଼ ଜିଲ୍ଲା ପ୍ରଶାସନ ଏଥିପାଇଁ ଜମି ଖୋଜୁଥିଲା। ୧୦ ଏକର ଜମି ଖୋଜା ଯାଉଥିବା ବେଳେ ଗୁରୁବାର ହଠାତ୍ ଚାନ୍ଦପୁର ବସନ୍ତ ମଞ୍ଜରୀ ଚିକିତ୍ସାଳୟରେ ହୋମିଓପାଥି ମେଡିକାଲ କଲେଜ ନିର୍ମାଣ ପାଇଁ ଯୋଜନା ସମ୍ପର୍କରେ ଖବର ମିଳିଛି। ଆୟୁଷ ମନ୍ତ୍ରାଳୟ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା ଭିତ୍ତିଭୂମି ପରିଖିବାକୁ ଆସନ୍ତା ୨ ତାରିଖ ନୟାଗଡ଼ ଆସିବା ପାଇଁ ସ୍ଥିର ହୋଇଥିବା ଜିଲ୍ଲାପାଳଙ୍କୁ ଚିଠି ଆସିଛି।

ଚାନ୍ଦପୁରରେସ୍ଥିତ ବସନ୍ତ ମଞ୍ଜରୀ ଚିକିତ୍ସାଳୟ ଭିତ୍ତିଭୂମି ପରଖିବା ପାଇଁ ନିର୍ଦ୍ଦେଶିକା ନୟାଗଡ଼ ଆସୁଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ଏକ ମେଡିକାଲ କଲେଜ ନିର୍ମାଣ ପାଇଁ ଜିଲ୍ଲାବାସୀ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ। ରାଜ୍ୟ ସରକାର ନୟାଗଡ଼ ଜିଲ୍ଲାରେ ହୋମିଓପାଥି ମେଡିକାଲ କଲେଜ ନିର୍ମାଣ ପାଇଁ ଘୋଷଣା କରିବା ପରେ ଜିଲ୍ଲାରେ ଏକ ଆଲୋପାଥି ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି ଜୋର ଧରିଛି। ଜିଲ୍ଲାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀ ଭେଷଜ ମେଡିକାଲ କଲେଜ ନିର୍ମାଣ ପାଇଁ ଲଢ଼େଇ ଜାରି ରଖିବେ ବୋଲି ସୂଚନା ମିଳିଛି। ଜୟ ନୟାଗଡ଼ ଫାଉଣ୍ଡେସନ୍, ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହାକୁ ନେଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହୋଇଛି। ଚାନ୍ଦପୁରରେ ମେଡିକାଲ କଲେଜ ନିର୍ମାଣ ପାଇଁ ରଣପୁର ବିଧାୟିକା ଏବଂ ଅନ୍ୟ ନେତୃବୃନ୍ଦ ବାରମ୍ବାର କହି ଆସୁଥିଲେ। ଏବେ ଚାନ୍ଦପୁରରେ ହୋମିଓପାଥି ମେଡିକାଲ ହେବ ବୋଲି ଜଣାପଡ଼ିବା ପରେ ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ଭୌଗୋଳିକ ଦୃଷ୍ଟିକୋଣରୁ ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲା ସୀମାନ୍ତ ଅଞ୍ଚଳ ଚାନ୍ଦପୁରରେ ଭେଷଜ ମେଡିକାଲ କଲେଜ ସ୍ଥାପନ ହେଲେ ଜିଲ୍ଲାବାସୀ କୌଣସି ସୁଫଳ ପାଇପାରିବେ ନାହିଁ। ତେଣୁ ଜିଲ୍ଲା ସଦରମହକୁମାରେ ଭେଷଜ ମେଡିକାଲ କଲେଜ ସ୍ଥାପନ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଜୟ ନୟାଗଡ଼ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଶେଖ୍ ଅବଦୁଲ୍ ଆହାଦ୍ କହିଛନ୍ତି। ନୟାଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଏବେ ବିପର୍ଯ୍ୟସ୍ତ ହୋଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନୟାଗଡ଼ ଜିଲ୍ଲା ସମେତ ବୌଦ୍ଧ ଓ ଗଞ୍ଜାମ ଜିଲ୍ଲାର କିଛି ଅଞ୍ଚଳବାସୀ, କଟକ ଜିଲ୍ଲାର ବଡ଼ମ୍ବା ଓ ନରସିଂହପୁର ବ୍ଲକବାସୀ ନିର୍ଭର କରୁଛନ୍ତି। ଜିଲ୍ଲାରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ହୃତଘାତଜନିତ ମୃତ୍ୟୁ ଅନେକ ପରିବାରକୁ ରସାତଳକୁ ଠେଲି ଦେଉଛି। ଜିଲ୍ଲାରେ ଜରୁରୀକାଳୀନ ଚିକିତ୍ସା, ଆବଶ୍ୟକ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟାଳୟରେ ଭେଷଜ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି ହେଉଛି।




## • ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ୨-୧ ଗୋଲ୍‌ରେ ଶରଣକୁଳ ବିଜୟୀ



ନୟାଗଡ଼,୩୦।୪(ସମିସ): ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଏବଂ ଜିଲ୍ଲା ଆଥଲେଟିକ୍ ଆସୋସିଏସନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ସିଏମ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ୍‌ରେ ଶରଣକୁଳ ଏଫସି ଡିଏଭି ଏଫସିକୁ ୨-୧ ଗୋଲରେ ପରାସ୍ତ କରିଛି। ବିଶିଷ୍ଟ ସମାଜସେବୀ ରୋଟାରିଆନ ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ମ୍ୟାଚ୍ କମିସନର ଭାବେ କମରୁଦ୍ଦିନ ଖାଁ ଦାୟିତ୍ୱ ତୁଲାଇଥିଲେ। ଏହି ଆନ୍ତଃ କ୍ଲବ୍ ଏବଂ ଆନ୍ତଃ ଜିଲ୍ଲା ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟକୁ ସମ୍ପାଦକ ଅଶେଷ କୁମାର ଦାଶ, ଉପସଭାପତି ଭବାନୀଶଙ୍କର ଦାସ, ଯୁଗ୍ମ ସମ୍ପାଦକ ବିନାୟକ ପ୍ରସାଦ ରାଓ, ପ୍ରଶାନ୍ତ କୁମାର ବେହେରା, ନିଶିକାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଚୟନ କମିଟି ଅଧ୍ୟକ୍ଷ ଆଲୋକ ଦାଶ ଉପସ୍ଥିତ ଥିଲେ।

# ଖାଲରେ ପଡ଼ି ଗୟଳ ମୃତ

ଗଣିଆ,୩୦।୪(ସମିସ): ଗଣିଆ ବ୍ଲକ କରଡ଼ାପଡ଼ା ଗଉଡ଼ ତୁମାଣ୍ଡିଠାରେ ପାଣି ପିଇବାକୁ ଆସି ଖାଲରେ ପଡ଼ି ଏକ ଗୟଳର ମୃତ୍ୟୁ ହୋଇଛି। ଗଉଡ଼ ତୁମାଣ୍ଡି କେନାଲ ପାଖ ପଦାରେ ଥିବା ଖାଲକୁ ଗୟଳ ପାଣି ପିଇବାକୁ ଆସିଥିଲା। ପାଣି ପିଇ ସାରିବା ପରେ ସେ ଖାଲରୁ ବାହାରି ପାରି ନ ଥିଲା। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜେସିବି ମେସିନ ସାହାଯ୍ୟରେ ଗୟଳକୁ ବାହାରକୁ ବାହାର କରିଥିଲେ। ଖାଲରୁ ବାହାରି କିଛି ବାଟ ଗଲା ପରେ ସେ ପଡ଼ିଯାଇଥିଲା। ସେଠାରେ ତା'ର ମୃତ୍ୟୁ ହୋଇଥିଲା। ଦୀର୍ଘ ସମୟ ଧରି ଖାଲରେ ପଡ଼ି ରହିବା ପରେ ବାହାରକୁ ବାହାରିବା ପାଇଁ ଚେଷ୍ଟା କରି ଅତ୍ୟନ୍ତ ହାଲିଆ ହୋଇଯାଇଥିବାରୁ ଗୟଳର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାଣୀ ଚିକିତ୍ସା ଅଧିକାରୀ ପହଞ୍ଚି ବ୍ୟବଚ୍ଛେଦ କରିବା ପରେ ଗାତ ଖୋଳି ତାକୁ ପୋତି ଦିଆଯାଇଛି। ରେଞ୍ଜର ସବନମ ସାହୁ, ଫରେଷ୍ଟ ଗାର୍ଡ ଧରଣୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗୟଳକୁ ଅଧିକ ବୟସ ହୋଇଥିବାରୁ ଖାଲରେ ପଡ଼ି ଉଠିବା ପରେ ଦୁର୍ବଳରୁ ମୃତ୍ୟୁ ଘଟିଥାଇ ପାରେ ବୋଲି ଫରେଷ୍ଟର ମନୋଜ ପ୍ରଭାକର ସାହୁ କହିଛନ୍ତି।

## • ଓଡ଼ଗାଁ ବ୍ଲକ୍‌ରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ

# ବକେୟା ଅନୁଦାନ ଶୀଘ୍ର ବ୍ୟୟ ଉପରେ ଗୁରୁତ୍ୱ



ଓଡ଼ଗାଁ,୩୦।୪(ସମିସ): ଓଡ଼ଗାଁ ବ୍ଲକ ସଭାଗୃହରେ ଗୁରୁବାର ବ୍ଲକର ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ପ୍ରୀତିବାଳା ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଯୋଗଦେଇ ବିଭିନ୍ନ ଯୋଜନାର କାର୍ଯ୍ୟଗତ ପ୍ରଗତିର ସମୀକ୍ଷା କରିଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ଝାଡ଼େଶ୍ୱର ଦାସ, ଜିଲ୍ଲା ଜୀବିକା ମିଶନ କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱଜିତ ଦାସ, ଗ୍ରାମ୍ୟ ଗୃହନିର୍ମାଣ ବିଭାଗ ଜିଲ୍ଲା ଅଧିକାରୀ ମହେଶ୍ୱର ରଥ ଓ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ମୟଙ୍କ ନନ୍ଦଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ଘର ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ପଞ୍ଚଦଶ ଆର୍ଥିକ ଆୟୋଗ ଓ ରାଜ୍ୟ ପଞ୍ଚମ ଆର୍ଥିକ ଆୟୋଗର ବକେୟା ଅନୁଦାନ ଶୀଘ୍ର ବ୍ୟୟ କରିବାକୁ ଜୋର ଦିଆଯାଇଛି। ଅନ୍ୟଥା ଆଗାମୀ ଅନୁଦାନ ପ୍ରାପ୍ତିରେ ବାଧା ସୃଷ୍ଟି ହେବ ବୋଲି ସତର୍କ କରାଯାଇଛି। ଏହାସହ ବିକଶିତ ଗାଁ, ବିକଶିତ ଓଡ଼ିଶା ପ୍ରକଳ୍ପ, ବନ ସୁରକ୍ଷା ସମିତି ଗୃହ ନିର୍ମାଣ, ମନରେଗା ଯୋଜନା ଅନ୍ତର୍ଗତ ବିଭିନ୍ନ କାମ ନିର୍ଦ୍ଧାରିତ ସମୟରେ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସମଗ୍ର ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପିଏମ୍‌ଶ୍ରୀ ଯୋଜନା, ପାନୀୟ ଜଳ ଓ ପରିମଳ କାର୍ଯ୍ୟକ୍ରମର ପ୍ରଗତିକୁ ମଧ୍ୟ ସମୀକ୍ଷା କରାଯାଇଛି। ଶେଷରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ସମସ୍ତ ବିଭାଗକୁ ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟ ପୂରଣ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

# ସମଗ୍ର ଶିକ୍ଷାର ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର


ଓଡ଼ଗାଁ,୩୦।୪(ସମିସ): ଓଡ଼ଗାଁ ବ୍ଲକ ସ୍ତରରେ ସମଗ୍ର ଶିକ୍ଷା ଅନ୍ତର୍ଗତ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ସ୍ଥାନୀୟ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ଶିବିରରେ ବିଇଓ ପିଣ୍ଟୁ ପ୍ରଧାନ, ଏବିଇଓ ରାଜକିଶୋର ସାହୁ ଓ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାୟକ ଯୋଗଦେଇଥିଲେ। ମନରେଗା ଯୋଜନାର ବ୍ଲକ ସାମାଜିକ ସମୀକ୍ଷକ ରାଜେଶ କୁମାର ଜେନା ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ନିର୍ମାଣ ଓ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ କମିଟିର କେତେକ ସଦସ୍ୟଙ୍କ ସହ ହାତଗଣତି ଅଭିଭାବକ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ସିଆରସିସି ନରେଶ ପାଣିଗ୍ରାହୀ, ହଟନାଥ ପ୍ରଧାନ, ଯଶୋବନ୍ତ ପଟ୍ଟନାୟକ ଓ ରାଜକୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## • ନୀଳମାଧବଙ୍କ ଚନ୍ଦନଯାତ୍ରା

# ମଦନମୋହନଙ୍କ ଗ୍ରାମ ବିଜେ ନୀତି

 କଣ୍ଟିଲୋ,୩୦।୪(ସମିସ): ଜଗନ୍ନାଥଙ୍କ ଆଦିପୀଠ ନୀଳମାଧବଙ୍କ ଚନ୍ଦନ ଯାତ୍ରାର ୧୧ ଚାପ ଅବସରରେ ଶ୍ରୀଜୀଉଙ୍କ ଗ୍ରାମ ବିଜେ ପରମ୍ପରା ରହିଛି। ଏଥିପାଇଁ ନୀତି ନିର୍ଘଣ୍ଟ ହୋଇଛି। ପରମ୍ପରା ଅନୁଯାୟୀ ୧୧ ଦିନ ରାତ୍ରି ଚାପ ପରେ ବିଗ୍ରହମାନେ ମଣି ବିମାନରେ ବିଜେ ହୋଇ ବାଟ ଭାଙ୍ଗି ଗ୍ରାମରେ ପ୍ରବେଶ କରିଥାନ୍ତି ଓ ଚାଟେରୀ ଭୋଗ ଖାଇବା ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରନ୍ତି। ଏହିଠାରୁ ଭଉଁରୀ ଯାତ୍ରା ଭୋଗ ଆରମ୍ଭ ହୋଇଥାଏ। ପରମ୍ପରା ଅନୁସାରେ ଶ୍ରୀ ବିଗ୍ରହମାନେ ଗ୍ରାମର ପ୍ରତିସାହିକୁ ବିଜେ ହୋଇଥାନ୍ତି। ପ୍ରତ୍ୟେକଙ୍କ ଗୃହରେ ଭୋଗ ଅର୍ପଣ ସହ ସପ୍ତ ଆଳତି କରାଯିବା ବିଧି ରହିଛି। ଏଥିସହ ଚଳିତ ମାସ ୮ରୁ ୧୦ତାରିଖ ୩ ଦିନ ଚନ୍ଦନ ଉତ୍ସବ ପାଳନ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀଚରଣ, ଶୈଳଭାମା, ରବୀନ୍ଦ୍ର ମହାପାତ୍ରଙ୍କ ଗ୍ରୁପ ଭକ୍ତି ସଙ୍ଗୀତ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଏନେଇ ସ୍ଥାନୀୟ ଡାକ ବଙ୍ଗଳା ପରିସରରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଖଣ୍ଡପଡ଼ା ତହସିଲଦାର ବିଶ୍ୱବିସ୍ମୃତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ, ପୂଜକ ସମାଜ ସଭାପତି ନୀହାର ରଞ୍ଜନ ମିଶ୍ର, ସାମାଜିକ କର୍ମୀ ଅଖିଳ କୁମାର ମହାରଣା ପ୍ରମୁଖ ଯୋଗଦେଇଥିଲେ।



## କାଳବୈଶାଖୀର ତାଣ୍ଡବ ଲୀଳା

# ଭାଙ୍ଗିଲା ଶତାଧିକ ଗଛ; ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ

ନୟାଗଡ଼,୩୦।୪(ସମିସ)

ଗୁରୁବାର ସନ୍ଧ୍ୟାରେ ନୟାଗଡ଼ ଜିଲ୍ଲାରେ କାଳବୈଶାଖୀର ତାଣ୍ଡବ ଲୀଳା ଦେଖିବାକୁ ମିଳିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବେଗରେ ପବନ ବହିବା ସହ ଝଡ଼ବର୍ଷା ହୋଇଛି। ଏହାର ପ୍ରଭାବ ଦଶପଲ୍ଲା ଓ ଗଣିଆ ଅଞ୍ଚଳରେ ସର୍ବାଧିକ ରହିଛି। ଶହ ଶହ ସଂଖ୍ୟାରେ ଗଛ ଭାଙ୍ଗିଥିବା ବେଳେ ଜିଲ୍ଲାର ଅନେକ ସ୍ଥାନରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ବନ୍ଦ ହୋଇଛି। ଅଗ୍ନିଶମ ବାହିନୀ ଗଛ କାଟି ରାସ୍ତା ସଫା କରିଛନ୍ତି।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ଅଞ୍ଚଳରେ କାଳବୈଶାଖୀ ବର୍ଷା ଓ ପବନ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବ୍ଲକର ସହରାଞ୍ଚଳ ସମେତ କଣ୍ଟିଲୋ, ସିଧାମୂଳା, କୋସ୍କା, ଶିଖରପୁର, ବାହାଡ଼ା, ଖଳିସାହି ତଥା ମର୍ଦ୍ଦରାଜପୁର ଅଞ୍ଚଳରେ ପବନ ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ସହ ବେଶ କିଛି ସମୟ ବର୍ଷା ହୋଇଛି। ଅନ୍ୟପକ୍ଷରେ ଧୂଳିଝଡ଼ ଓ ପବନ ପ୍ରଭାବରେ ବ୍ୟାପକ ପନିପରିବା ଚାଷ ଏବଂ ଚାଳ ଛପର ଓ ଆଜବେଷ୍ଟସ ଉଡ଼ିଯାଇ ଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଖଣ୍ଡପଡ଼ା ଏନଏସି ନିକଟ ବାଇପାସରେ ବିରାଟ ଗଛ ଭାଙ୍ଗି ପଡ଼ିଥିବା ବେଳେ ଖଳିସାହିର ବିଭିନ୍ନ ସ୍ଥାନରେ ଗଛପଡ଼ି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି। ଯାନବାହନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ଖଣ୍ଡପଡ଼ା ଅଗ୍ନିଶମ ବିଭାଗ ଗଛଗୁଡ଼ିକୁ କାଟିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ଅନ୍ୟପଟେ ବର୍ଷା ପ୍ରଭାବରେ ପ୍ରଚଣ୍ଡ ତାତିରୁ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।


**କଣ୍ଟିଲୋ:** କଣ୍ଟିଲୋ ଓ ଆଖପାଖ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ହଠାତ ଆକାଶ ମେଘାଚ୍ଛନ୍ନ ହେବା ସହ ଝଡ଼ ତୋଫାନ ହୋଇଥିଲା। ୧ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବେଗରେ ପବନ ସାଙ୍ଗକୁ ବର୍ଷା ହୋଇଥିଲା। ଏଥିରେ ପ୍ରଭୂତ କ୍ଷୟକ୍ଷତି ହୋଇଛି। କଣ୍ଟିଲୋ ତଳ ବଜାରରେ ରବୀନ୍ଦ୍ର ସାହୁଙ୍କ ଏକ କ୍ୟାବିନ ପବନରେ ଉଡ଼ିଯାଇଥିବା ବେଳେ ବଙ୍ଗଳା ଛକରେ ଆମ୍ବ ଗଛ ଉପୁଡ଼ି ଯାଇ ଏକ ବାଇକ କ୍ଷତିଗ୍ରସ୍ତ ହୋଇଛି। ନରସିଂହପୁର ଅଞ୍ଚଳ କାଞ୍ଜିଆପଦାର ଶିବ ପ୍ରସାଦ ମନ୍ତ୍ରୀ କୌଣସି କାମରେ କଣ୍ଟିଲୋ ଆସିଥିଲେ। ଝଡ଼ବର୍ଷା ସମୟରେ ବଙ୍ଗଳା ଛକ ନିକଟରେ ନିଜ ପଲସର ବାଇକ ରଖିଥିଲେ। ପବନରେ ଆମ୍ବ ଗଛ ଭାଙ୍ଗି ପଡ଼ିବାରୁ ସେ ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ ବାଇକ ଉପରେ ଗଛ ମାଡ଼ି ବସିଥିଲା। ସେହିପରି କୃଷ୍ଣେଶ୍ୱର ପାଟଣାରେ ଗଛ ଉପୁଡ଼ିବା ସହ ଫକୀର ଅଡ଼ିବୁଦ୍ଧି ପାଟଣାରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ିଥିବା ସୂଚନା ମିଳିଛି।



# ବଜ୍ରପାତରେ ଚାଷୀ ମୃତ

ଖଣ୍ଡପଡ଼ା/ଗଣିଆ,୩୦।୪(ସମିସ): ଗୁରୁବାର ପୂର୍ବାହ୍ନରେ ବଜ୍ରପାତରେ ଖଣ୍ଡପଡ଼ା ବ୍ଲକ ରୟତି ଢୋଲମରା ପଞ୍ଚାୟତ ମଇଁଷିବିନ୍ଧା ଗ୍ରାମର ଚାଷୀ ନାରାୟଣ ନାୟକଙ୍କ ମୃତ୍ୟୁ ହୋଇଛି। ନାରାୟଣ ଭୋର ସାଢ଼େ ୫ଟାରେ ଝୁଡ଼ିରେ ଖତ ନେଇ ଚାଷଜମିକୁ ଯାଇ ଘରକୁ ଫେରୁଥିବା ବେଳେ କାଳବୈଶାଖୀ ପ୍ରଭାବରେ ହଠାତ ବର୍ଷା, ପବନ ସହ ବିଜୁଳି, ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ବଜ୍ରପାତ ପ୍ରଭାବରେ ନାରାୟଣ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। କିଛି ସମୟ ପରେ ସେହି ରାସ୍ତା ଦେଇ ଆମ୍ବ ତୋଟାକୁ ଯାଉଥିବା ପିଲାମାନେ ତାଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ। ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ନାରାୟଣଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଶ୍ରୀରଙ୍ଗନାଥ ଦେବଙ୍କ ଶ୍ରୀନୃସିଂହ ଜନ୍ମ ନୀତିକାନ୍ତି



ବାଣପୁର, ୩୦।୪(ସମିସ) ; ଶ୍ରୀକ୍ଷେତ୍ରରେ ଶ୍ରୀ ଜଗନ୍ନାଥଙ୍କ ବାର ମାସରେ ତେର ପର୍ବ ଓ ବିଭିନ୍ନ ପର୍ବରେ ଶ୍ରୀଜିଉମାନଙ୍କ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହେଉଥିବା ଭଳି ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀ ରଙ୍ଗନାଥ ଦେବଙ୍କର ବିଭିନ୍ନ ପର୍ବରେ ବିଭିନ୍ନ ନୀତିକାନ୍ତ ଅନୁଷ୍ଠିତ ହୋଇଥାଏ। ଏପରି ସ୍ଥଳେ ପ୍ରତିବର୍ଷ ପରି ବୈଶାଖ ମାସ ଶ୍ରୀବିଷ୍ଣୁ ଦମନକ ଓ ଶ୍ଲକ ଚତୁର୍ଦ୍ଦଶୀ ତିଥି ଗୁରୁବାର ବାଣପୁରର ଶ୍ରୀ ରଙ୍ଗନାଥ ଦେବଙ୍କ ଶ୍ରୀନୃସିଂହ ଜନ୍ମ ଉତ୍ସବ ସ୍ୱତନ୍ତ୍ର ନୀତିକାନ୍ତି ରେ ପାଳିତ ହୋଇଯାଇଛି। ଏହି ଅବସରରେ ଦ÷ନ ଦିନ ପରି ଭୋର ସମୟରୁ ମହାପ୍ରଭୁଙ୍କ ଦ୍ୱାର ଫିଟା, ମଙ୍ଗଳାର୍ପଣ ଓ ଅବକାଶ ନୀତି ପରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଗୋପାଳ ବଲ୍ଲଭ ଓ ଶ୍ରୀଜିଉ ମାନଙ୍କ ମଧ୍ୟାହ୍ନ ଧୂପ ପରେ ଚନ୍ଦନ ପାଣି କୁଣ୍ଡରେ ସଂଧ୍ୟା ପର୍ଯ୍ୟନ୍ତ ସ୍ନାନ କରାଇ ପରେ ଚନ୍ଦନ ଭୋଗ ଲାଗି କରାଯାଇଥିଲା। ଶ୍ରୀଜିଉ ମାନଙ୍କୁ ଚନ୍ଦନ ଲାଗି କରାଯାଇ ସଂଧ୍ୟା ଆଳତୀ ପରେ ଶ୍ରୀନୃସିଂହ ଜନ୍ମ ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି। ପୂଜକ ଚନ୍ଦ୍ରଶେଖର ହୋତା ପୂଜାର୍ଚ୍ଚନା କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଟାଙ୍ଗୀ, ୩୦।୪ (ସମିସ): ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମଣୀ ମଙ୍ଗରାଜଙ୍କ ଅବସରକାଳୀନ ସମ୍ବର୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ବିଶ୍ୱଜିତ ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ପୁରାତନ ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ନା ମାନଧାତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ,ପୁରାତନ ଛାତ୍ର ସଂସଦ ସଂପାଦକ ବିଜୟ କୁମାର ରାଉତ, ପରିଚାଳନା କମିଟି ସଭାପତି ଗଣେଶ ବାରିକ, ଖୋର୍ଦ୍ଧା ଜିଲା ଓଷ୍ଟା ସଂପାଦକ ସୁଧାକର ମହାପାତ୍ର, ଡାକ୍ତର ମଧୁସୂଦନ ସେନାପତି, ଡାକ୍ତର ଶରତ ଚନ୍ଦ୍ର ଜୟସିଂ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରୋଭିଜନାଲ ପେନସନ ପତ୍ର ବିଇଓ ଶ୍ରୀ ସାହୁ ପ୍ରଦାନ କରିଥିଲେ।

## ଯୁକ୍ତ ତିନି ଶେଷ ବର୍ଷ ଶିକ୍ଷାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବାଲୁଗାଁ, ୩୦।୪(ସମିସ) : ବାଲୁଗାଁ ମହାବିଦ୍ୟାଳୟ ଯୁକ୍ତ ତିନି ଶିକ୍ଷା ସମ୍ମାନ ବିଭାଗର ଶେଷ ବର୍ଷର ଶିକ୍ଷାର୍ଥୀ ମାନଙ୍କୁ ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଛି। ବିଭାଗୀୟ ମୁଖ୍ୟ ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଶ୍ରୀଚନ୍ଦନ, ମହାବିଦ୍ୟାଳୟର ଦର୍ଶନ ବିଭାଗ ମୁଖ୍ୟ କୈଳାସଚନ୍ଦ୍ର ମହାରଣା ଓ ମୁଖ୍ୟ କିରାଣି ସୁଧାକର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ ଓ କୀର୍ତ୍ତିମୟୀ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦାୟୀ ଶେଷ ବର୍ଷର ଶିକ୍ଷାର୍ଥୀମାନେ ନିଜର ବକ୍ତବ୍ୟ ରଖିବା ସହ ପ୍ରଥମ ଓ ଦ୍ୱିତୀୟ ବର୍ଷର ଶିକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅଧ୍ୟାପିକା ପ୍ରିୟମ୍ବଦା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଖୋର୍ଦ୍ଧା ପୌର ପରିଷଦ

# ଡ୍ରେନ୍ ଓ ପରିମଳ ଟେଣ୍ଡର ପ୍ରକ୍ରିୟାରେ ୬ କୋଟିର ଦୁର୍ନୀତି ଅଭିଯୋଗ

ଖୋର୍ଦ୍ଧା, ୩୦।୪(ସମିସ): ଖୋର୍ଦ୍ଧା ପୌରପରିଷଦରେ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଡ୍ରେନ ଏବଂ ପରିମଳ ସଫେଇ ପାଇଁ ହୋଇଥିବା ଟେଣ୍ଡର ରେ ପ୍ରାୟ ୬ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛି ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ। ଏହି ଟେଣ୍ଡର କୁ ରଦ୍ଦ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ ସଦସ୍ୟ। ଏ ନେଇ ଏକ ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କୁ କରିଛନ୍ତି। ଜିଲ୍ଲାପାଳ ଅମୃତ ଋତୁରାଜ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ପୌରପରିଷଦ ଗତ ୨୦୨୫ ସେପ୍ଟେମ୍ବର ୨୧ ତାରିଖରେ ଓଡ଼ିଶା ସରକାରଙ୍କ ଇ-ପୋକ୍ୟୁରମେଣ୍ଟ ପୋର୍ଟାଲ ମାଧ୍ୟମରେ ଦୁଇଟି ପୃଥକ ଟେଣ୍ଡର ଆହ୍ୱାନ କରିଥିଲା। ପୌରପରିଷଦ ୱାର୍ଡ ନମ୍ବର ୧ ରୁ ୨୨ ରେ ଡ୍ରେନ, ଶୌଚାଳୟ ପରିସ୍ରାଗାର ସଫେଇ ଘରୋଇକରଣ ପାଇଁ ଇ-ପ୍ରୋକ୍ୟୁରମେଂଟ ନୋଟିସ ୩୦୫୧ ନମ୍ବର ୦୩/୨୦୨୫-୨୬ ଟେଣ୍ଡର ଆହ୍ୱାନ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୧,୨୨,୭୧,୬୯୨ ଟଙ୍କା ରହିଛି। ଟେଣ୍ଡର-୨ ରେ ଇ-ପୋକ୍ୟୁରମେଂଟ ନୋଟିସ ନମ୍ବର ୦୪/୨୦୨୫-୨୬ରେ ପୌରପରିଷଦ ଅଧିନସ୍ଥ ୨୨ଟି ୱାର୍ଡ ରାସ୍ତା ସଫା କରିବା, କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ସମେତ ପରିମଳ କାର୍ଯ୍ୟର ଘରୋଇକରଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ଯାହାର ମୂଲ୍ୟ ୫,୦୨,୪୨,୯୦୦ ଟଙ୍କା ରହିଛି ବୋଲି ଅଭିଯୋଗ ରେ ଦର୍ଶାଯାଇଛି। ଏହି ଟେଣ୍ଡର ପ୍ରକ୍ରିୟାର ସର୍ତ୍ତାବଳୀକୁ ଖୋଲା ଖୋଲି ଭାବେ ଉଲଙ୍ଘନ କରାଯାଇଛି। ଜିଲ୍ଲା ପ୍ରଶାସନ ଏ ଦିଗରେ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ସଂଘ ଦାବି କରିଛି।




ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ସଂଘ ରାଜ୍ୟ ସଭାପତି ମୋହନ ନାୟକ ଏହି ଅନିୟମିତତା ଅଭିଯୋଗର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ ଦାବି କରିଛନ୍ତି। ଏ ନେଇ ଆଜି ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ସଂଘ ପକ୍ଷରୁ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ, ପ୍ରମୁଖ ଶାସନ ସଚିବ, ଲୋକାୟୁକ୍ତ ଓଡ଼ିଶା ଏବଂ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ, ଭୁବନେଶ୍ୱର ନିକଟରେ ଲିଖିତ ଅଭିଯୋଗ କରାଯାଇଥିବା ସଭାପତି ଶ୍ରୀ ନାୟକ କହିଛନ୍ତି। ତେବେ ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଏହି ଘଟଣାର ୫ଦିନ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଲେ ଯେ, ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟେଣ୍ଡର ପ୍ରକ୍ରିୟା ସବିଶେଷ ରିପୋର୍ଟ ଦାଖଲ ପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ ମଗାଯାଇଛି।

## ରେତଙ୍ଗ ଷ୍ଟେସନ୍‌ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଜଟଣୀ, ୩୦।୪ (ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ଅନ୍ତର୍ଗତ ରେତଙ୍ଗ ଷ୍ଟେସନ୍ ନିକଟରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତି ହେଲେ ବଡ଼ତୋଟାର ରମେଶ ବେହେରା (୬୦)। ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ ଯେ, ଆଜି ପୂର୍ବାହ୍ନ ରେ ରେତଙ୍ଗ ଷ୍ଟେସନ୍ ର କିଲୋ ମିଟର ୪୫୧/୧୫-୧୭ ନିକଟରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଚିହ୍ନଟ ପାଇଁ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲା। ଫଳରେ ତାଙ୍କର ପରିଚୟ ମିଳିବା ସହ ବଡ଼ତୋଟା ଗାଁର ବୋଲି ଜଣାପଡ଼ିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ୍ କୁ ପଠାଇ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲା ପୁଲିସ। ତେବେ ଟ୍ରେନ୍ ଲାଇନ୍ ରେ ବୃଦ୍ଧ ଜଣଙ୍କ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୁଲିସ।

## ବାଲି ଗାଡ଼ି ସହ ୩ ପାୱାରଟିଲର୍ ଜବତ

ବେଗୁନିଆ,୩୦।୪(ସମିସ): ବେଗୁନିଆ ତହସିଲ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧ ଟି ବାଲି ବୋଝେଇ ହାଇୱା, ଗୋଟିଏ ଟ୍ରାକ୍ଟର,ଗୋଟିଏ ପଥର ବୋଝେଇ ଟ୍ରକ ଓ ୩ଟି ପାୱାର ଟିଲର ଜବତ ହୋଇଛି। ଯାହାକି ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ସୂଚନା ଅନୁଯାୟୀ ପ୍ରତ୍ୟହ ବେଆଇନ ଭାବେ ବାଲି ଓ ପଥର ଚାଲାଣକୁ ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ● ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା

## ଖୋର୍ଦ୍ଧା ଜିଲ୍ଲାକୁ ୪ ସ୍ୱର୍ଣ୍ଣ ସହ ୧୬ ପଦକ ହାସଲ

ବାଲୁଗାଁ, ୩୦।୪(ସମିସ) : ଉତ୍କଳ କରାଟେ ସ୍କୁଲ, ଭୁବନେଶ୍ୱର ପରିସରରେ ଗତ ୨୪ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟ ସ୍ତରୀୟ କନିଷ୍ଠ ଓ ଉପକନିଷ୍ଠ କରାଟେ ପ୍ରତିଯୋଗିତା ସମାପନ ହୋଇଯାଇଛି। ଉକ୍ତ କରାଟେ ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ପ୍ରାୟ ୬୫୦ କରାଟେକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏପରି ସ୍ଥଳେ ବିଭିନ୍ନ ବିଭିନ୍ନ ବିଭାଗର ଆୟୋଜିତ କରାଟେ ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲା ସମୁଦାୟ ୧୬ ଟି ପଦକ ହାସଲ କରିଥିବା ବେଳେ ତନ୍ମଧ୍ୟରୁ ୪ଟି ସ୍ୱର୍ଣ୍ଣ, ୩ ଟି ରୌପ୍ୟ ଓ ୯ ଟି କାଂସ୍ୟ ପଦକ ହାସଲ କରିବାରେ ସଫଳତା ଅର୍ଜନ କରିପାରିଛନ୍ତି। ୪ଜଣ ସ୍ୱର୍ଣ୍ଣ ପଦକ ହାସଲ କାରୀ ମାନେ ହେଲେ ଦିବ୍ୟାଙ୍ଗନା ସାମନ୍ତରା, ରୁଦ୍ର ପ୍ରସାଦ ଶତପଥୀ, ଆଦିତ୍ୟରାଜ୍ ପ୍ରଧାନ ଓ ରାଜୁ ଲାଲ। ଖୋର୍ଦ୍ଧା ଜିଲ୍ଲାର ଏହି ୪ ଜଣ ସ୍ୱର୍ଣ୍ଣ ପଦକ ବିଜେତା ଆସନ୍ତା ଜୁନ୍ ମାସରେ ଡେରାଡୁନ ସହରରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇ ଛନ୍ତି। ରୌପ୍ୟ ପଦକ ବିଜେତା ମାନେ ହେଲେ ଦିବ୍ୟାଙ୍ଗନା ସାମନ୍ତରା, ରୁଦ୍ର ପ୍ରସାଦ ଶତପଥୀ ଓ ଜୁନିୟର ଟିମ୍ କାତାରେ ରାଜୁ ଲାଲ, ରୋହନ ସ୍ୱାଇଁ, ଆଦର୍ଶ ମହାପାତ୍ର, କୃତି ଦୀପନ ବଳବନ୍ତରାୟ ଓ କାଂସ୍ୟ ପଦକ ବିଜେତା ମାନେ ହେଲେ ପଦ୍ମଜା ସାମନ୍ତସିଂହାର, ସାଇ ଦିଗବିଜୟ ମହାରଣା, ଦିବ୍ୟାଂଶ, ସାତ୍ତ୍ୱିକ କୁମାର ଜାଲି, ଏମ୍ ସାଇ ହେମକେସ, ଶ୍ରିୟାଂଶ ପାତ୍ର, କୃତି ଦୀପନ ବଳବନ୍ତରାୟ, ରୋହନ ସ୍ୱାଇଁ ଏବଂ ସବ୍ ଜୁନିୟର ଟିମ୍ କତାରେ ଏମ୍ ସାଇ ହେମକେଶ, ରୁଦ୍ର ପ୍ରସାଦ ଶତପଥୀ , ଶୁଭମ୍ ପ୍ରଧାନ, ଆଦିତ୍ୟ ରାଜ୍ ପ୍ରଧାନ। ଏହି ପ୍ରତିଯୋଗୀ ମାନେ ଖୋର୍ଦ୍ଧା ଜିଲ୍ଲା କରାଟେ ସଙ୍ଘର ସମ୍ପାଦକ ତଥା କରାଟେ ପ୍ରଶିକ୍ଷକ କ୍ୟୋସି ଦୀପକ କୁମାର ସାମନ୍ତରାଙ୍କ ନିକଟରେ ପ୍ରଶିକ୍ଷଣ ନେଉଥିଲେ। କୃତ୍ତି ପ୍ରତିଯୋଗୀ ମାନଙ୍କ ଏହି ସଫଳତା ପାଇଁ ଜିଲ୍ଲା ଖେଳ ଅଧିକାରୀ, ଅଭିଭାବକ ଓ ଖେଳ ପ୍ରେମୀ ମାନେ ଶୁଭେଚ୍ଛା ଜଣାଇ ଥିବା ବେଳେ କ୍ୟୋସି ସାମନ୍ତରା ସମସ୍ତ କୃତ୍ତି ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜାତୀୟ ସ୍ତରକୁ ମନୋନୀତ ପ୍ରତିଯୋଗୀ ମାନଙ୍କୁ ବ୍ୟକ୍ତିଗତ ଭାବେ ପ୍ରଶିକ୍ଷଣ ପ୍ରଦାନ କରି ଜାତୀୟ ପଦକ ହାସଲ କରିବା ପାଇଁ ପ୍ରଚେଷ୍ଟା କରିବେ ବୋଲି କହିଛନ୍ତି।

ସ୍ୱର୍ଣ୍ଣ ପଦକ ବିଜେତା



## କାଳ ବୈଶାଖୀ ଭାଙ୍ଗିଲା ତୋରଣ, ଗାଡ଼ି ଚଳାଚଳ ବାଧାପ୍ରାପ୍ତ

ବେଗୁନିଆ, ୩୦।୪(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ବେଗୁନିଆ ଓ ବାଘମାରୀ ଠାରେ ଲାଗିଥିବା ତୋରଣ କାଳ ବୈଶାଖୀ ପବନରେ ଭାଙ୍ଗି ଯାଇଛି। ଏଥିରେ କୌଣସି ଧନ ଜୀବନ କ୍ଷତି ହୋଇ ନ ଥିବାର ଦେଖିବାକୁ ମିଳିଥିଲା। ଯାହା ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଗାଡ଼ି ଚଳାଚଳ ଏକ ଘଣ୍ଟାରୁ ଅଧିକ ସମୟ ପାଇଁ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଏ ନେଇ "ସକାଳ"ରେ ଖବର ପ୍ରକାଶିତ ହୋଇ ଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ତୋରଣ ଭାଙ୍ଗିବାକୁ ନେଇ କୌଣସି ତତ୍ପରତା ପ୍ରକାଶ ପାଇ ନ ଥିବା ବେଳେ କାଳବୈଶାଖୀ ଏକ ପ୍ରକାର ଝାମେଲାରୁ ମୁକ୍ତି ଦେଇଥିବାରୁ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି।

### ■ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ

## ସନ୍ଧ୍ୟାରେ କାଳବୈଶାଖୀ ବର୍ଷା ଆଣିଲା ଆଶ୍ୱସ୍ତି

ଖୋର୍ଦ୍ଧା,୩୦।୪(ସମିସ): ଗତ କିଛିଦିନ ହେବ ଗୀଷ୍ମ ପ୍ରଭାବରେ ଗୁଳୁଗୁଳି ଅନୁଭୂତ ହେଉଛି। ଦିନ ପ୍ରାୟ ସାଢେ ୯ଟା ପରେ ସହରରେ ତାତି ବଢୁଛି। ଫଳରେ ପ୍ରଭାବିତ ହେଉଛି ସାଧାରଣ ଜୀବନଯାତ୍ରା। ଯଦିଓ ସନ୍ଧ୍ୟାରେ କାଳ ବୈଶାଖି ପ୍ରଭାବରେ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳୁଛି ତଥାପି ଜରୁରୀ କାର୍ଯ୍ୟ ନପଡ଼ିଲେ ଦିନ ୯ଟା ପରେ ପଦାକୁ ବାହାରିବାକୁ ଲୋକ ଭୟକରୁଛନ୍ତି। ଦିପ୍ରହରରେ ତାପମାତ୍ରା ପ୍ରାୟ ୩୭ ଡ଼ିଗ୍ରୀ ଉପରେ ରହୁଥିବାବେଳେ ସତେ ଯେମିତି ଅଘୋଷିତ କର୍ଫ୍ୟୁ ଜାରି ହୋଇଛି। ସୁବିଧା ମିଳିଲେ କିଏ ଗଛ ଛାଇ ତଳ ଆଶ୍ରୟ ନେଉଛି ତ ଆଉ କିଏ ପାଣି ଠୋପାଏ ଖୋଜୁଛି। ଆଜି ଦିନ ତମାମ ଗୁଳୁଗୁଳିରେ ଲୋକେ ଝାଳରେ ଅସ୍ତବ୍ୟସ୍ତ ହେଉଥିଲେ। ଆଜି ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଜାରୀ ରହିଥିବା କାଳବୈଶାଖୀ ବର୍ଷା ଲୋକଙ୍କ ଲାଗି ଆଶ୍ୱସ୍ତି ଆଣିଛି। ତତଲା ଝାଞ୍ଜି ଓ ଗୁଳୁଗୁଳିରୁ ଲୋକଙ୍କୁ ଟିକେ ଆରାମ ମିଳିଥିବା ଦେଖାଯାଇଛି। ସେହିପରି ପ୍ରବଳ ପବନ, ଘଡଘଡି ବିଜୁଳି ସତ୍ତ୍ୱେ ବର୍ଷା ରେ କିଛି ଯୁବଗୋଷ୍ଠି ଭିଜି ଏହାର ମଜା ନେଉଥିବା ଦେଖାଯାଇଥିବାବେଳେ ଗାଁ ରେ ଗାଁ ରେ ବର୍ଷାକୁ ନେଇ ଚାଷୀ ମଧ୍ୟ ଖୁସ। ବର୍ଷା ପବନ ଯୋଗୁ ବିଦ୍ୟୁତ ସରବାରହ ବନ୍ଦ ରହିଛି। ଚଳିତ ବର୍ଷ କାଳବୈଶାଖୀ ଯୋଗୁ ଖରାଦିନେ ବର୍ଷା ହେଉଥିବାରୁ ବିଲକୁ ହଳ କରି ପାଗଭିଡି ରଖିବାକୁ ଏହା ସହାୟକ ହେବ ବୋଲି ଚାଷୀ ଗୋବନ୍ଦ ପ୍ରଧାନ କହିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକ

ବେଗୁନିଆ, ୩୦।୪ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମର ଶିକ୍ଷାବିତ, କଳାକାର ସାହିତ୍ୟିକ ତଥା ଯାତ୍ରା ନିର୍ଦ୍ଦେଶକ ବୈକୁଣ୍ଠ ସେଠୀ (୭୨) ଭୁବନେଶ୍ୱରରେ ଚିକିତ୍ସିତ ଅବସ୍ଥାରେ ହୃଦଘାତ ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଦୀପ କୁମାର ସାହୁ,କଂଗ୍ରେସ ନେତା ପୃଥିବଲ୍ଲଭ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ, ବ୍ଲକ କଂଗ୍ରେସ ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ପୂର୍ବତନ ସଭାପତି କାଳନ୍ଦୀ ମହାପାତ୍ର, ସମାଜସେବୀ ସଞ୍ଜୟ ବାହୁବଳେନ୍ଦ୍ର, ରବିନାରାୟଣ ଚମ୍ପତି ଓ ସମ୍ବିତ ଦାସଙ୍କ ସମେତ ବହୁ ବ୍ୟକ୍ତି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଥିଲେ। ଗ୍ରାମ୍ୟ ଶ୍ମଶାନରେ ପୁତ୍ର ଚିତ୍ତରଞ୍ଜନ ସେଠୀ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା।

### ଆଜି ବିଶ୍ୱ ଶ୍ରମିକ ଦିବସ

# ବଢୁଛି ନିର୍ଯାତନା ଓ ଶୋଷଣ; ଠିକା ଶ୍ରମିକ ଅବହେଳିତ

ଖୋର୍ଦ୍ଧା, ୩୦।୪(ସମିସ): ବିକାଶ କ୍ଷେତ୍ରରେ ଶ୍ରମ ଓ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ବାଦଦେଲେ ବିକାଶ ଅସମ୍ଭବ। ମାତ୍ର ଉନ୍ନତିର ଏହି ଧର୍ମପଦମାନେ କେତେକ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି। ଶ୍ରମିକମାନଙ୍କୁ ବିଭିନ୍ନ କ୍ଷେତ୍ରରେ କରାଯାଉଛି ଶୋଷଣ। ଶିକ୍ଷାର ଅଭାବ ତଥା ଅଭିଯୋଗ କରିବାର ସାହସ ନଥିବାରୁ ଶ୍ରମିକ ଶୋଷଣର ଶିକାର ହେଉଛନ୍ତି। କେଉଁଠି ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି ତ ଆଉ କେଉଁଠି ବିନା ପାରିଶ୍ରମିକରେ ଖଟାଯାଉଛି। ବିଶେଷକରି ଶିଳ୍ପ ଶ୍ରମିକଙ୍କ ସ୍ୱାର୍ଥ ଓ ନିରାପତା ଦୃଷ୍ଟିରୁ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଶ୍ରମ ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ରହିଥିଲେ ମଧ୍ୟ କାରଖାନାମାଲିକ ମାନେ ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଶ୍ରମିକମାନଙ୍କୁ ସେମାନଙ୍କ ଉଚିତ ପ୍ରାପ୍ୟ ଦେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଆଇନ ରହିଛି। ମଇ୧କୁ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି। ଦୈନିକ ଶ୍ରମ ଦାନ କରୁଥିବା ଶ୍ରମିକ ସେମାନଙ୍କ ପାଇଁ ଥିବା ଆଇନ ଓ ନିତୀ ନିୟମ ଜାଣୁନଥିବାରୁ ଏହି ଦିବସ ମୂଲ୍ୟହୀନ ହୋଇ ପଡୁଥିବା ଅଭିଯୋଗ ହେଉଛି।

ଖୋର୍ଦ୍ଧାର ଫଂଚେଶ୍ୱର, ଭଗବାନପୁର, ବରୁଣେଇ, ସାରୁଅ, ଜଙ୍କିଆ ମୁଣ୍ଡାଆମ୍ବ, କାଳିବତୀ ଠାରେ ଶିଳ୍ପାଂଚଳ ରହିଛି। ଏଠାରେ ଛୋଟ ବଡ ହୋଇ ପ୍ରାୟ ଦେଢଶହରୁ ଉଦ୍ଧ୍ୱର୍ ଶିଳ୍ପ ସଂସ୍ଥା ରହିଛି।ଏବେ ପୁଣି ନୂଆ ଶିଳ୍ପାଂଚଳ ହୋଇ ହଳଦିପଦା ଓ ଅରାଙ୍ଗ। ମାତ୍ର କେଉଁ ଶିଳ୍ପରେ କେତେ ଶ୍ରମିକ ରହିଛନ୍ତି ତାର ସଠିକ ହିସାବ ଶ୍ରମ ବିଭାଗ ପାଖେ ନାହିଁ। ପୁଣି କେଉଁ ଶ୍ରମିକ କାର୍ଯ୍ୟରେ ଯୋଗ ଦେଉଛନ୍ତି, କାହାକୁ ଛଟେଇ କରାଯାଉଛି ତାହାର ମଧ୍ୟ ହିସାବ ନାହିଁ।



ଅନ୍ୟପକ୍ଷରେ କାର୍ଯ୍ୟ କରୁଥିବା କିଛି ଠିକା ଶ୍ରମିକଙ୍କୁ ପରିଚୟପତ୍ର ସମ୍ପୃକ୍ତ କମ୍ପାନୀ ଦେଉନଥିବା ମଧ୍ୟ ଅଭିଯୋଗ ହେଉଛି। କେତେକ କମ୍ପାନୀରେ ଶ୍ରମିକଙ୍କୁ ସୁରକ୍ଷା ସାମଗ୍ରୀ ଦିଆଯାଉଥିବାବେଳେ ଆଉ କିଛି କମ୍ପାନୀରେ ଏହାକୁ ଶ୍ରମିକଙ୍କୁ ପ୍ରଦାନ କରାଯାଉନଥିବା ଅଭିଯୋଗ ହେଉଛି। ବିଗତ ଦିନରେ ସୁରକ୍ଷା ସରଞ୍ଜାମ ବିନା କେତେକ ଶ୍ରମିକଙ୍କର ମୃତ୍ୟୁ ହୋଇଥିବାବେଳେ ଆଉକେତେକ ଶ୍ରମିକ ଶରୀରର ଅଙ୍ଗ ହରାଇଥିବାର ନଜିର ମଧ୍ୟ ରହିଛି। ଏଥିପାଇଁ ବିଭିନ୍ନ ସମୟରେ କମ୍ପାନୀ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ମଧ୍ୟ ହେଉଛି।ମାତ୍ର ପରେ ଏହାକୁ ଭିନ୍ନରୂପ ଦିଆଯାଇ ଅଦୃଶ୍ୟ ଚାପରେ ଚାପି ଦିଆଯାଉଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ କମ୍ପାନୀ ଗୁଡିକରେ ଶ୍ରମିକମାନଙ୍କ ନିରାପତା ଏବଂ ଅନ୍ୟନିୟମ ଗୁଡିକୁ ଯାଂଚ କରାଯାଉନଥିବାରୁ ସେମାନେ ନିର୍ଯ୍ୟାତିତ ହେଉଛନ୍ତି। ଠିକ୍ ଭାବେ କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ଯାଂଚ କରାଯାଉନାହିଁ। ଅନେକ ସମୟରେ ସେମାନଙ୍କୁ ତାଙ୍କ ହକ ମଧ୍ୟ ମିଳୁନାହିଁ। କେତେକ କ୍ଷେତ୍ରରେ କଂଟ୍ରାକ୍ଟ ଲେବର (ରେଗୁଲେଶନ ଆଣ୍ଡ ଆବୋଲିସନ) ଆକ୍ଟ-୧୯୭୦ର ଧାରା ୧୦କୁ ଖୋଲାଖୋଲି ଉଲଂଘନ କରାଯାଉଛି। ଉକ୍ତ ଧାରା ଅନୁଯାୟୀ କୌଣସି ଶିଳ୍ପାନୁଷ୍ଠାନ ବା ବ୍ୟବସାୟିକ ପ୍ରତିଷ୍ଠାନ ରେ ସ୍ଥାୟୀ କାର୍ଯ୍ୟ ପାଇଁ ଅସ୍ଥାୟୀ ଶ୍ରମିକ ନିଯୁକ୍ତି ଦିଆଯାଇପାରିବ ନାହିଁ। ମାତ୍ର ଏହାକୁ ଅଣଦେଖା କରି କେତେକ ଶିଳ୍ପାନୁଷ୍ଠାନ ବା ବ୍ୟବସାୟିକ ପ୍ରତିଷ୍ଠାନ ବର୍ଷ ବର୍ଷ ଧରି ବହୁ ଅସ୍ଥାୟୀ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଫଳରେ ଶ୍ରମଜିବୀଙ୍କ ଆର୍ଥିକ ମାନଦଣ୍ଡ ଭାଙ୍ଗିଯାଉଥିବାବେଳେ ଛଟେଇ ଚିନ୍ତା ଓ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ସେମାନେ ଜୀବନ ବିତାଉଛନ୍ତି। ଶ୍ରମିକଙ୍କୁ ନ୍ୟାୟ ମିଳୁନଥିବାବେଳେ ଶିଳ୍ପାନୁଷ୍ଠାନ ବା ବ୍ୟବସାୟିକ ପ୍ରତିଷ୍ଠାନ କିନ୍ତୁ ଲାଭବାନ ହେଉଛନ୍ତି।

ଅନ୍ୟପକ୍ଷରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ନିର୍ମାଣ ଶ୍ରମିକ ସହାୟତା ପ୍ରଦାନ କରାଯାଉଛି। ଜିଲ୍ଲାରେ ୩ଲକ୍ଷ ରୁ ଉଦ୍ଧ୍ୱର୍ ନିର୍ମାଣ ଶ୍ରମିକ ପଞ୍ଜିକୃତ ରହିଥିବା ଖୋର୍ଦ୍ଧା ମଣ୍ଡଳ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ସହକାରୀ ଶ୍ରମ ଅଧିକାରୀ ବିକାଶ ନାୟକଙ୍କ କହିବା କଥା ଖରା ସମୟରେ ୧୧ଟା ପରେ କାମ କରୁଥିବା ଅଭିଯୋଗ ଆସିଲେ ଅଧିକାରୀ ସ୍ୱଟକୁ ତୁରନ୍ତ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଉଛି।ଶ୍ରମିକ ଶୋଷଣ ଅଭିଯୋଗ ଯଦି ବି କେବେ ଆସେ ଏହାର ସମାଧାନ ଲାଗି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କମ୍ପାନୀ ଅଧିକାରୀ ଓ ଶ୍ରମିକଙ୍କୁ ଡକାଯାଇ ସମାଧାନ କରାଯାଉଥିବା ସେ କହିଛନ୍ତି।

## ରମାମଣି ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ, ୩୦।୪ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ରମାମଣି ମହାବିଦ୍ୟାଳୟରେନୂତନଅଧ୍ୟକ୍ଷଦିଲ୍ଲୀପକୁମାରସାଥୁଆଙ୍କୁକର୍ମଚାରୀମାନେସ୍ୱାଗତସମ୍ବର୍ଦ୍ଧନା ଜଣାଇଥିଲେ। ରମାମଣି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନାରାୟଣ ବନ୍ଧୁ ପଟ୍ଟନାୟକ ଅବସର ଗ୍ରହଣ କରିବା ପରେ ନୂତନ ଅଧ୍ୟକ୍ଷ ଭାବେ ଶ୍ରୀଯୁକ୍ତ ସାଥୁଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ଶୁଭକାମନା ଜଣାଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଟାଙ୍ଗୀ,୩୦।୪(ସମିସ): ଟାଙ୍ଗୀ ବ୍ଲକ ରତନପୁର ପଞ୍ଚାୟତର ତାଳଡିହ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତେଜସ୍ୱିନୀ ମହାନ୍ତିଙ୍କ ସେବା ନିବୃତ୍ତ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବଘେଇସାହି ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସିଆରସିସି ଦୀନବନ୍ଧୁ ପୃଷ୍ଟି, ଲଳିତ ନାରାୟଣ ମହାପାତ୍ର, କାହ୍ନୁ ବେହେରା, ସର୍ବେଶ୍ୱର ପାତ୍ର, ବିଭୁତି ଭୁଷଣ ଯୁଝାରସିଂହ,ହୃଷିକେଶ ମଲ୍ଲିକ, ବନ୍ଦିତା ବେହେରା,କିଶୋର କର ପ୍ରମୁଖ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ମନୋରମା ଘଡେଇ, ଗୀତାଞ୍ଜଳି ପାଟଯୋଶୀ, ସ୍ୱାଗତିକା ମୁଦୁଲି , ଇସାନି ବରାଳ, ରାନୀ ବେହେରା ଶୁଭଶ୍ରୀ ପ୍ରଧାନ, ଅର୍ପିତା କହଲସିଂହ,ସୁସ୍ମିତା ବେହେରା, ମନୋରଞ୍ଜନ ମହାରଣା ପ୍ରମୁଖ ତାଙ୍କର ଗୁଣଗାନ କରିବା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଭୁତି ଭୂଷଣ ଯୁଝାରସିଂହ ମଞ୍ଚ ପରିଚାଳନା କରିଥିବାବେଳେ ସୁମିତ୍ରା ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

